# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 April - 2025

*************************************

## ମୁଖ୍ୟ ସମ୍ବାଦ

- କଟକ ବାଲିଯାତ୍ରା ପଡ଼ିଆରେ ଆସନ୍ତା ୧୧ ତାରିଖରେ ଶୁଭାରମ୍ଭ ହେବ ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
- ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଗଣଦୌଡ଼ ଅନୁଷ୍ଠିତ
- ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଆଉ କିଛି ସମୟ ପରେ ଆରମ୍ଭ ହେବ ରଥଯାତ୍ରା

ଏବଂ

- ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବାଣିଜ୍ୟ କ୍ଷେତ୍ରରେ ସମୁଦ୍ର ଶିଳ୍ପକୁ ପ୍ରାଧାନ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ସାମଦ୍ରିକ ଦିବସ

# ଆୟୁଷ୍ମାନ ଭାରତ ଯୋଜନା

କଟକ ବାଲିଯାତ୍ରା ପଡ଼ିଆରେ ଆସନ୍ତା ୧୧ ତାରିଖ ଦିନ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କଟକରୁ ଏହି ଯୋଜନାର ଶୁଭାରମ୍ଭ କରିବେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବାଲିଯାତ୍ରା ପଡ଼ିଆ ବୁଲି ଦେଖିବା ସହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସାମ୍ବାଦିକମାନଙ୍କୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଓ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗଦେବେ। ରାଜ୍ୟରେ ଥିବା ୧ ହଜାର ୪୦୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଆୟୁଷ୍ମାନ ଯୋଜନାରେ ମିଳୁଥିବା କାର୍ଡ ଜରିଆରେ ଦେଶରେ ଥିବା ୨୯ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ହିତାଧିକାରୀ' ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। **- V/O -**

ସୂଚନାଯୋଗ୍ୟ, ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ।

***Desk***

## ଓଡ଼ିଆ ପକ୍ଷ ପାଳନ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ୨୦୨୫ର ପଞ୍ଚମ ଦିନ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ଖଣ୍ଡଗିରିଠାରେ ଅନୁଷ୍ଠିତ ଗଣଦୌଡ଼ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ।

***Deogarh/Kalahandi/BHK/CTC/Ganjam/DHNKL/Khurda***

## ଗଣଦୌଡ଼

ଖୋର୍ଦ୍ଧାଠାରେ ଆଜି ଓଡ଼ିଆ ଅସ୍ମିତା ତଥା ଓଡ଼ିଶାର ସଂସ୍କୃତି, ବୈଭବ ଏବଂ ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧି ତନୟା ସାହୁ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ।

କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଐତିହ୍ୟ ଗଣଦୌଡ଼କୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜବାହରଲାଲ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ ଗଡ଼ଖାଇ,

ବିଜୁପଟ୍ଟନାୟକ ଛକ ଦେଇ ପୁଣି ଇଣ୍ଡୋର ଷ୍ଟାଡିୟମ୍‌ରେ ପହଁଞ୍ଚିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ସେହିପରି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ବିଜୁପଟ୍ଟନାୟକ ସଂସ୍କୃତି ଭବନଠାରୁ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଢେଙ୍କାନାଳଠାରେ ଶ୍ରୀ ସିଦ୍ଧବଳରାମଙ୍କ ମନ୍ଦିରଠାରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ ଅନୁଷ୍ଠିତ ଏବଂ କ୍ରୀଡ଼ାସଂଘର ଛାତ୍ରଛାତ୍ରୀମାନେ ଐତିହ୍ୟ ଗଣଦୌଡ଼ରେ ଯାଇ ମିନିଷ୍ଟାଡିୟମ୍‌ଠାରେ ପହଁଞ୍ଚିଥିଲେ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶୁଭାରମ୍ଭ କରିଥିଲେ। ଏହି ଐତିହ୍ୟ ଗଣଦୌଡ଼ରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ପ୍ଲା’କାର୍ଡ ଧରି ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।

କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରେ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମକୁ

ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ  ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ ମା’ ମାଣିକେଶ୍ୱରୀ ମନ୍ଦିରରୁ ବାହାରି ଘୋଡ଼ାଘାଟ ଛକଠାରେ ଶେଷ ହୋଇଥିଲା।

ଦେବଗଡ଼ ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା କ୍ରୀଡ଼ାସଂଘ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ।

***Desk***

## ଡି.ଆର୍‌.ଡି.ଓ.- କ୍ଷେପଣାସ୍ତ୍ର ପରୀକ୍ଷଣ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ– ଡି.ଆର୍‌.ଡି.ଓ. ଏବଂ ଭାରତୀୟ ସେନା ପକ୍ଷରୁ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ସ୍ଥଳଭାଗରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର– ଏମ୍‌.ଆର୍‌.ସାମ୍‌.ର ସଫଳ ପରୀକ୍ଷଣ କରାଯାଇଛି। ସଫଳ ପରୀକ୍ଷା ପରେ ଏହି କ୍ଷେପଣାସ୍ତ୍ରକୁ ଭାରତୀୟ ସେନାବାହିନୀରେ ସାମିଲ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଡି.ଆର୍‌.ଡି.ଓ. ଏବଂ ସେନାବାହିନୀର ଅଧିକାରୀମାନଙ୍କୁ ପ୍ରଶଂସା କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରରେ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ରୁକୁଣା ରଥଯାତ୍ରା

ଚୈତ୍ରମାସ ଶୁକ୍ଲ ପକ୍ଷ ଅଷ୍ଟମୀ ତିଥିରେ ଭୁବନେଶ୍ୱରରେ ଆଜି ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେଉଛି।  ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ' ରଥଦାଣ୍ଡରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ମାଉସୀ ମା' ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି। ଗତକାଲି ରାତିରେ ରଥଖଳାରେ ରଥନିର୍ମାଣ କାର୍ଯ୍ୟ ଶେଷ ହେବାପରେ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇ ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନରେ ସକାଳ ଧୂପ ନୀତି, ଭୋଗମଣ୍ଡପ ନୀତି ହେବାପରେ ମଧ୍ୟାହ୍ନରେ ଯାତ୍ରା ପୂଜା ଜାରି ରହିଛି। ରଥବିଜେ ସ୍ଥଳୀରେ ଠାକୁରଙ୍କ

ପୂଜାର୍ଚ୍ଚନା ନୀତି କାର୍ଯ୍ୟପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହେବ ।

ସୂଚନାଯୋଗ୍ୟ, ପ୍ରଭୁ ଶ୍ରୀଲିଙ୍ଗରାଜ' ଶ୍ରୀଦୋଳଗୋବିନ୍ଦ ଓ ରୁକୁଣାଙ୍କୁ ନେଇ ଛିଅ ଦିନ ଲାଗି ମନ୍ଦିର ଛାଡ଼ି ମାଉସୀ ମା' ମନ୍ଦିର ଯିବା ବିଧି ରହିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଶୋକାଷ୍ଟମୀ ଓ ରୁକୁଣା ରଥଯାତ୍ରାର ଶୁଭେଚ୍ଛା ଜଣାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କୃପାରୁ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାଜ୍ୟବାସୀଙ୍କୁ ଅଶୋକାଷ୍ଟମୀର ଶୁଭକାମନା ଜଣାଇଛନ୍ତି ।

***Puri***

## ଶ୍ରୀମନ୍ଦିର- ଦର୍ଶନ ବନ୍ଦ

ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମନବମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ଭୋଗ ଉଠିବା ପରେ ଶ୍ରୀରାମଚନ୍ଦ୍ର ନୀତି ଶେଷ ହେବାପରେ ଆପାତତଃ ଅପରାହ୍ନ ପ୍ରାୟ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

*Ganjam*

## ମା’ ବୁଢ଼ିଠାକୁରାଣୀଙ୍କ ଦର୍ଶନ

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ଦେଶୀ ବେହେରା ସାହିରେ ଅବସ୍ଥିତ ଅସ୍ଥାୟୀ ମଣ୍ଡପରେ ମା’ ବୁଢ଼ିଠାକୁରାଣୀ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି। ମାନସିକଧାରୀମାନେ ବିଭିନ୍ନ ବେଶ ଧରି ମା’ଙ୍କଠାରୁ ଆଶୀର୍ବାଦ ନେଉଛନ୍ତି। ଆଜି ସନ୍ଧ୍ୟାରେ ମା’ ମଣ୍ଡପରୁ ବାହାରି ପ୍ରଥମ ମହୁରୀ ରାଜବାଟୀକୁ ଯାଇ ଦର୍ଶନ ପରେ ନଗର ପରିକ୍ରମା କରି ପୁଣି ଅସ୍ଥାୟୀ ମଣ୍ଡପ ପ୍ରତ୍ୟାବର୍ତ୍ତନ କରିବେ।

*HS*

## ସ୍କୁଲ ଫି’ ନିର୍ଦ୍ଧାରଣ

ଘରୋଇ ବିଦ୍ୟାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଫି’ ରଖିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ଫି’ ପରିମାଣରୁ ଊର୍ଦ୍ଧ୍ୱ ହେଲେ ବିଦ୍ୟାଳୟଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ଉଭୟ ଅଙ୍ଗନବାଡ଼ି, ଶିଶୁ ବାଟିକା ଚାଲିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସ୍ପଷ୍ଟୀକରଣ ଦେଇଛନ୍ତି।

*Desk*

## କୋର୍ଟ ସକାଳୁଆ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲା ଅଦାଲତ ଓ ନିମ୍ନ ଅଦାଲତଗୁଡ଼ିକ ଆସନ୍ତା ସୋମବାରଠାରୁ ସକାଳୁ ଖୋଲିବ। କୋର୍ଟ କାର୍ଯ୍ୟ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିବ। ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲା ଦୌରାଜଜ୍‌ଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି।

*Desk*

## ୧୦ଟି ଜିଲ୍ଲା ଛୁଟି ଘୋଷଣା

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର– ଆର୍.ଡି.ସି. ପକ୍ଷରୁ ୧୦ଟି ଜିଲ୍ଲା ପାଇଁ ଭିନ୍ନ ଭିନ୍ନ ଦିନରେ ଛୁଟି ଘୋଷଣା କରାଯାଇଛି। ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ପାଇଁ ଆଜି ଖୋର୍ଦ୍ଧା ଜିଲ୍ଲାରେ ସରକାରୀ ଛୁଟି ଘୋଷଣା କରାଯାଇଥିବା ବେଳେ ଯାଜପୁର ଜିଲ୍ଲାରେ ଜୁନ୍ ମାସ ୧୬ ତାରିଖ ଶେଷ ରଜକୁ ଛୁଟି ଘୋଷଣା କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରେ ଜୁଲାଇ ୫ ତାରିଖରେ ବାହୁଡ଼ା ଯାତ୍ରା, ପୁରୀ ଜିଲ୍ଲାରେ ଅଗଷ୍ଟ ୨୦ ତାରିଖ ବାଲିତୃତୀୟା, ଭଦ୍ରକ ଜିଲ୍ଲାରେ ଅକ୍ଟୋବର ୨୨ ତାରିଖ କାଳୀପୂଜା ପରଦିନ, କଟକ, ଜଗତସିଂହପୁର ଓ ନୟାଗଡ଼ ଜିଲ୍ଲା ପାଇଁ ଡିସେମ୍ବର ୪ ତାରିଖରେ ମାଣବସା ପାଇଁ ଛୁଟି ଘୋଷଣା କରାଯାଇଛି।

***Desk***

# ପିଏମ୍-ମାରିଟାଇମ୍ ଡେ

ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାମୁଦ୍ରିକ ଶିଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି ଆଜି ୬୨ତମ ଜାତୀୟ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ମାସ ୫ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ସାମୁଦ୍ରିକ ଅଭିଯାନର ଗୁରୁତ୍ୱ  ଉପରେ ଆଲୋକପାତ କରିବା ଏବଂ ସମୁଦ୍ର ମଧ୍ୟରେ ବହୁଦିନ ଧରି କାର୍ଯ୍ୟ କରୁଥିବା ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସମୃଦ୍ଧ ସାମୁଦ୍ରିକ ଇତିହାସକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ଶ୍ରୀ ମୋଦୀ ଏକ ଭିଡ଼ିଓ ଶେୟାର କରି ରାଷ୍ଟ୍ର ନିର୍ମାଣରେ ସାମୁଦ୍ରିକ କ୍ଷେତ୍ରର ଭୂମିକା ଉପରେ ଆଲୋକପାତ କରିଛନ୍ତି ।

*********************************